| | | |
|---|---|---|
| c | 1 | ହରଡ ଫସଲରେ ଶୋଷକ କୀଟର ନିୟନ୍ତ୍ରଣ ପାଇଁ ଏକର ପ୍ରତି ଇମିଡାକ୍ଲୋପ୍ରିଡ ୧୦୦ ମି.ଲି. କିମ୍ବା ଥାୟୋମେଥୋକ୍ସାମ ୬୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37454 Advisory Date :-1/15/2019 10:35:56 PM |
| a | 2 | ଅମଳ ହୋଇଥିବା ଶସ୍ୟକୁ ଭଲ ଭାବରେ ଶୁଖାଇ ସୁରକ୍ଷିତ ଭାବରେ ସଂରକ୍ଷଣ କରନ୍ତୁ. ଏହାକୁ ରୋଗ ପୋକ କବଳରୁ ରକ୍ଷା କରିବା ନିମନ୍ତେ ଆଲୁମିନିଅମ ଫାସଫାଇଡ ଧୁଆଁ ଦ୍ୱାରା ବିଶୋଧନ କରନ୍ତୁ. |
| | | Total No of Farmer : - 70114 Advisory Date :-5/16/2019 3:48:51 PM |
| c | 3 | ବାଇଗଣ, ଲଙ୍କା ଓ ସହଳ ଫୁଲକୋବିର ତଳି ପକାଇବା ଆରମ୍ଭ କରିଦେବା ଆବଶ୍ୟକ. ଅଧିକ ତାପମାତ୍ରା ଜନିତ ଅସୁବିଧାରୁ ମୁକ୍ତି ପାଇଁ ୫୦ ପ୍ରତିଶତ ଛାୟା ବିଶିଷ୍ଟ ସବୁଜ ଛାୟା ଗୃହ ମଧ୍ୟରେ ତଳି ପକାଇବା ଆବଶ୍ୟକ. |
| | | Total No of Farmer : - 22370 Advisory Date :-6/20/2019 11:09:26 AM |
| c | 4 | ଅଦିନିଆ ବର୍ଷା କାରଣରୁ ବାଇଗଣ ଫସଲରେ ଝାଉଁଳା ରୋଗ ଦେଖାଦେଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ କପର ଅକ୍ସିକଲୋରାଇଡ଼ ସହିତ ୧ ଗ୍ରାମ ପ୍ଲାଣ୍ଟମାଇସିନ ମିଶାଇ ସିଞ୍ଚନ କରନ୍ତୁ. |
| | | Total No of Farmer : - 22359 Advisory Date :-6/22/2019 10:34:03 AM |
| c | 5 | କଖାରୁ ଜାତୀୟ ଫସଲରେ ନାଲି କଖାରୁ ପୋକର ନିୟନ୍ତ୍ରଣ ପାଇଁ ୧ କେଜି ଟ୍ରାଇକ୍ଲୋରୋଫେନ ୫୦ଇସି ହେକ୍ଟର ପିଚ୍ଛା ୫୦୦-୧୦୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. ଫଳ ଧାରଣ କ୍ଷମତା ବଢାଇବା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ ବୋରାକସ ସିଞ୍ଚନ କରନ୍ତୁ. |
| | | Total No of Farmer : - 22370 Advisory Date :-6/24/2019 4:50:15 PM |
| c | 6 | ବାଇଗଣରେ ଫଳବିନ୍ଧା ରୋଗର ନିରାକରଣ ପାଇଁ ଝାଉଁଳି ଯାଇଥିବା ଅଗ ଡାଳଗୁଡ଼ିକ ଭାଙ୍ଗି ମାଟିରେ ପୋତି ଦିଅନ୍ତୁ. ପ୍ରଥମେ ଏକର ପ୍ରତି ୬୦୦ ମି.ଲି ନିମ୍ବ ଜାତୀୟ ଔଷଧ ସିଞ୍ଚନ କରନ୍ତୁ. |
| | | Total No of Farmer : - 22359 Advisory Date :-6/25/2019 10:44:28 AM |
| c | 7 | ବାଇଗଣରେ ଫଳବିନ୍ଧା ରୋଗର ନିରାକରଣ ପାଇଁ ଏକର ପିଚ୍ଛା ୭୦ ମି.ଲି. ସ୍ପିନୋସାଡ଼ ଓ ୩୦୦ ମି.ଲି. ଥିଓଡିକାର୍ବ କୁ ଅଦଳବଦଳ କରି ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ. |
| | | Total No of Farmer : - 22370 Advisory Date :-6/28/2019 10:09:10 AM |
| c | 8 | ଧାନ ରୋଇବା ସମୟରେ ପ୍ରତି ୨ ମିଟର ବ୍ୟବଧାନରେ ୧ ଫୁଟ ଖାଲି ଜାଗା ଛାଡିଲେ ଫସଲ ମଧ୍ୟରେ ବାୟୁ ଚଳାଚଳ ଠିକ ରୂପେ ହୋଇଥାଏ ଓ ସୂର୍ଯ୍ୟାଲୋକ ଠିକ ରୂପେ ପଡିଥାଏ. ଫଳରେ ଫସଲରେ ମାଟିଆ ଓ ଧଳା ପିଠିଆ ଗୁଣ୍ଡି ପୋକଙ୍କ ପ୍ରାଦୁର୍ଭାବ କମ ରୁହେ |
| | | Total No of Farmer : - 37440 Advisory Date :-7/6/2019 11:21:11 PM |
| c | 9 | କାକୁଡି, ଜହ୍ନି ଇତ୍ୟାଦିରେ ଅଧିକ ମାଈଫୁଲ ପାଇଁ ବଜାରରେ ମିଳୁଥିବା ଇଥରେଲ ୧ଗ୍ରାମ ୪ଲି ପାଣିରେ ମିଶାଇ ୨ରୁ୪ ପତ୍ର ଅବସ୍ଥାରେ ସିଞ୍ଚନ କରନ୍ତୁ. କଖାରୁ ଜାତୀୟ ପନିପରିବାରେ ଭଲ ଫଳ ଧରିବା ପାଇଁ ୧ଗ୍ରାମ ବୋରାକ୍ସ ୧ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| | | Total No of Farmer : - 22370 Advisory Date :-7/10/2019 10:45:49 PM |
| c | 10 | ଧାନ ଫସଲର ପ୍ରଥମାବସ୍ଥାରେ ପୋକ ଆକ୍ରମଣର ଆଶଙ୍କା ଥିଲେ ତଳି ପଟାଳିରେ ୧୦ ଡିସିମିଲି ପିଚ୍ଛା ୧.୨ କି.ଗ୍ରା. କାରବୋଫୁରାନ ୩ ଜି କିମ୍ବା ଫିପରୋନିଲ ୦.୩ ଜି ତଳି ଉପାଡିବାର ଏକ ସପ୍ତାହ ପୂର୍ବରୁ ପ୍ରୟୋଗ କରନ୍ତୁ |
| | | Total No of Farmer : - 37440 Advisory Date :-7/10/2019 10:58:30 PM |
| c | 11 | ମୁଗ ଓ ବିରିରେ ସହେବି ରୋଗର ପରିଚାଳନା ପାଇଁ ଥାୟୋମିଥୋକ୍ସାମ ଏକର ପିଚ୍ଛା ୪୦ ଗ୍ରାମ ହିସାବରେ ସିଞ୍ଚନ କରନ୍ତୁ ଏବଂ ଏକର ପ୍ରତି ୬-୮ ଟି ହଳଦିଆ ଅଠାଳିଆ ଯନ୍ତା ଲଗାନ୍ତୁ |
| | | Total No of Farmer : - 37440 Advisory Date :-7/16/2019 2:36:35 PM |

| | | |
|---|---|---|
| f | 12 | ଜଳର ଉତ୍ତମ ଗୁଣବତା ସହିତ ପ୍ଲାଙ୍କଟନ ବୃଦ୍ଧି ପାଇଁ ଗୋବର ଖତ ୨୫୦ କି.ଗ୍ରା, ୟୁରିଆ ସାର ୪ କି.ଗ୍ରା, ସୁପର ସାର ୪ କି.ଗ୍ରା ମିଶାଇ ୧ ଏକର ମିଟର ପୋଖରୀରେ ଯାଆଁଳା ଛାଡିବାର ୪ ଦିନ ପୂର୍ବରୁ ପ୍ରୟୋଗ କରନ୍ତୁ |
| | | Total No of Farmer : - 3464 Advisory Date :-7/16/2019 3:02:54 PM |
| c | 13 | ଚାରା ଜମିରେ ଲଗାଇବାର ୫-୬ ଦିନ ପୂର୍ବରୁ ତଳି ଘେରାରେ ପାଣି ଦେବା ବନ୍ଦ କରି ଦିଅନ୍ତୁ ଯେପରିକି ଚାରାର ବାହାରର ପାଣିପାଗ ସହନଶୀଳତା କ୍ଷମତା ବଢ଼ିଯିବ |
| | | Total No of Farmer : - 22370 Advisory Date :-7/16/2019 3:11:44 PM |
| a | 14 | ମୃତ୍ତିକା ବାହିତ ରୋଗ ପୋକଙ୍କ ସମସ୍ୟା ଦୂରୀକରଣ ପାଇଁ ଫସଲ ପର୍ଯ୍ୟାୟକୁ ଅବଲମ୍ବନ କରନ୍ତୁ ଯେପରିକି ବାଇଗଣ, ଟମାଟୋ ଓ ଲଙ୍କା ଜାତୀୟ ପରିବା କ୍ରମାଗତ ଗୋଟିଏ ଜମିରେ ଚାଷ କରନ୍ତୁ ନାହିଁ. |
| | | Total No of Farmer : - 22370 Advisory Date :-7/23/2019 10:54:27 AM |
| c | 15 | ବର୍ଷାଜଳ ପାଇବା ପରେ ପ୍ରଥମେ ମଝିଆଳି ଜମିରେ ଓ ପରେ ପରେ ଖାଲୁଆ ଜମିରେ ରୁଆକାର୍ଯ୍ୟ ସାରି ଦିଅନ୍ତୁ. |
| | | Total No of Farmer : - 37450 Advisory Date :-7/24/2019 4:04:13 PM |
| c | 16 | ମକା ଫସଲରେ ଫଲଆର୍ମି ଓର୍ମର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ ୫% ଏସ.ଜି. କିମ୍ବା କ୍ଲୋରାନଟ୍ରାନିଲୋପ୍ରିଲୋ ୧୮.୫%ଏସ. ଜି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37453 Advisory Date :-7/25/2019 10:06:19 AM |
| c | 17 | ଧାନ ଫସଲରେ ବୀଜାଣୁଜନିତ ପତ୍ରପୋଡା ରୋଗ ପାଇଁ ଏକର ପ୍ରତି ୫୦୦ ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁ.ପି. + ୨୦୦ ଗ୍ରାମ ପ୍ଲାଣ୍ଟୋମାଇସିନ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37440 Advisory Date :-7/25/2019 10:18:54 AM |
| c | 18 | ଜମି ପ୍ରସ୍ତୁତି ବେଳେ ଆବଶ୍ୟକ ଯବକ୍ଷାରଯାନ (ୟୁରିଆ) ଓ ପଟାସର ଅର୍ଦ୍ଧେକ, ପୂର୍ଣ୍ଣ ମାତ୍ରାର ଫସଫରସ (ସୁପର କିମ୍ବା ଡି.ଏ.ପି.) ଉପଲବ୍ଧ ଖତ ସହ ମିଶାଇ ଭଲ ଭାବରେ ହଳ କରିବା ପରେ ଫସଲ ଲଗାନ୍ତୁ. |
| | | Total No of Farmer : - 22369 Advisory Date :-7/29/2019 5:08:02 PM |
| c | 19 | କଖାରୁ ଜାତୀୟ ଫସଲରେ ଉନ୍ନତମାନର ପରିବା ପାଇବା ପାଇଁ ରଞ୍ଜାର ବ୍ୟବସ୍ଥା କରନ୍ତୁ ଯେପରି ପରିବା ମାଟିରେ ଲାଗିବ ନାହିଁ. ବର୍ଷା ଦିନିଆ ଭେଣ୍ଡି ଫସଲରେ ଗଛକୁ ଗଛ ୪୫ ସେ.ମି. ଦୂରତା ବଜାୟ ରଖନ୍ତୁ. |
| | | Total No of Farmer : - 22370 Advisory Date :-7/30/2019 11:07:02 AM |
| c | 20 | ଯେଉଁ ଜମିରେ ମକା ଫସଲ ବଢିବା ଅବସ୍ଥାରେ ରହିଛି, ଶୁଖିଲା ପାଗର ସୁଯୋଗ ନେଇ କୋଡାଖୁସା ଓ ଘାସବଛା ସାରି ଦିଅନ୍ତୁ. ବର୍ଷା ପାଇବା ପରେ ଶୀର୍ଷ ସାର ପ୍ରୟୋଗ କରନ୍ତୁ. |
| | | Total No of Farmer : - 37448 Advisory Date :-8/1/2019 11:37:51 AM |
| c | 21 | ଅତ୍ୟଧିକ ବର୍ଷା ମାଡ ଖାଇ ମକା ଗଛ ଢଳି ପଡ଼ିଥିଲେ ମୂଳକୁ ମାଟି ଟେକି ଦିଅନ୍ତୁ. ମକା ଗଛ ୮ ପତ୍ର ହୋଇଥିଲେ କୋଡାଖୁସା କରି ଏକର ପ୍ରତି ୧୫ କି.ଗ୍ରା. ଯବକ୍ଷାରଯାନ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ. |
| | | Total No of Farmer : - 37449 Advisory Date :-8/14/2019 3:49:27 PM |
| c | 22 | ପନିପରିବା ଜମିରେ ପାଣି ଜମିଥିଲେ ପାଣି ନିଷ୍କାସନ କରନ୍ତୁ. ମୂଳସଢା ରୋଗ ନ ହେବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରା. ମେଟାଲକସିଲ ୮% + ମାଙ୍କୋଜେବ ୬୪% ପ୍ରତି ଲିଟର ପାଣିରେ ମିଶାଇ ମୂଳକୁ ସିଞ୍ଚନ କରନ୍ତୁ. |
| | | Total No of Farmer : - 22370 Advisory Date :-8/14/2019 4:04:21 PM |
| c | 23 | ଡାଲିଜାତୀୟ ଫସଲରେ ମୂଳ ସଢା ରୋଗ ଲାଗୁଥିଲେ ଏକର ପ୍ରତି ୪୦୦ ଗ୍ରାମ କାରବେଣ୍ଡଜିମ ୫୦% ଡ଼ବ୍ଲୁ .ପି. କିମ୍ବା ୪୦୦ ମି.ଲି. ଭାଲିଡା ମାଇସିନ ୩% ଏଲ ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଞ୍ଚନ କରନ୍ତୁ. |
| | | Total No of Farmer : - 37440 Advisory Date :-8/16/2019 12:25:39 PM |

| | | |
|---|---|---|
| c | 24 | ଅଗଷ୍ଟ ମାସରେ ଲଗାଯାଇଥିବା ଫୁଲକୋବି ଚାରା ସେପ୍ଟେମ୍ବର ମାସରେ ଲଗାଇବା ପାଇଁ ବ୍ୟବସ୍ଥା କରନ୍ତୁ. ଫୁଲକୋବି ଚାରାକୁ ଅଧିକ ଡେରିରେ ଜମିରେ ନ ଲଗାଇ ମାସିକିଆ ଚାରା ଜମିରେ ରୋପଣ କରନ୍ତୁ. ଚାରା ଲଗାଇବାର ୧୫ ଦିନ ପରେ ୧୫ ଲିଟର ପାଣିରେ ୭୫ ଗ୍ରାମ ୟୁରିଆ ମିଶାଇ ଫସଲରେ ସିଞ୍ଚନ କରନ୍ତୁ. |
| | | Total No of Farmer : - 22370 Advisory Date :-8/21/2019 12:28:30 PM |
| c | 25 | ଯେଉଁ ଧାନ ଜମିରେ ଦସ୍ତା ପରିମାଣ କମ ଥିବ, ଏକର ପିଛା ଜିଙ୍କ ଇ.ଡି.ଟି.ଏ. ୧ ଲିଟର ପାଣିରେ ଅଧା ଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଓ ୪୫ ଦିନ ପରେ ସିଞ୍ଚନ କରନ୍ତୁ. ଅନ୍ୟ ପୁରୁଣା ଗଛରୁ ପିଲ ବାହାର କରି ଶୂନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗ ମିଟର ପିଛା ୩୩ ଟି ବୁଦା ରହିବ. ସ୍ୱଳ୍ପ ଖାଲୁଆ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସହିତ ୧୩.୫ କି.ଗ୍ରା. ଏମ.ଓ.ପି. ମିଶାଇ ପ୍ରୟୋଗ କରନ୍ତୁ. |
| | | Total No of Farmer : - 37449 Advisory Date :-8/21/2019 1:05:41 PM |
| c | 26 | ବିଳମ୍ବିତ ଖରିଫ ପିଆଜ ଚାଷ ପାଇଁ ପିଆଜ ଚାରା ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ. କ୍ୟାପଟାନ କିମ୍ବା ଥିରାମ ୩ ଗ୍ରାମ ପ୍ରତି କେ.ଜି. ମଞ୍ଜିରେ ମିଶାଇ ବିଶୋଧନ କରି ତଳି ଘେରରେ ପକାନ୍ତୁ. ତଳି ଘେରକୁ ୧୫ ସେ.ମି. ଉଚ୍ଚତାରେ କରନ୍ତୁ ଓ ଦୁଇ ପାଖରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ. ଖରା ଅଧିକ ହେଉଥିଲେ ୫୦ % ସବୁଜ ଛାୟା ନେଟ ବ୍ୟବହାର କରି ଚାରାକୁ ସୁରକ୍ଷା ପ୍ରଦାନ କରନ୍ତୁ. |
| | | Total No of Farmer : - 22370 Advisory Date :-8/22/2019 12:15:11 PM |
| c | 27 | ମୂଳା ଓ ଗାଜର ଫସଲରେ ଗଛକୁ ଗଛ ଦୂରତା ବଜାୟ ରଖିବା ପାଇଁ ଅଧିକ ଚାରା ଉପାଡି ଦିଅନ୍ତୁ ଓ ଫସଲରେ ହୁଡ଼ା ଟେକି ଦିଅନ୍ତୁ.<br>କାକୁଡି ଓ ଜହ୍ନିରେ ଅଧିକ ମାଈ ଫୁଲ ଆସିବାପାଇଁ ୪ ମି.ଲି. ଇଥରେଲ ୧୬ ଲିଟର ପାଣିରେ ମିଶାଇ ୨-୪ ପତ୍ର ଅବସ୍ଥାରେ ସିଞ୍ଚନ କରନ୍ତୁ. |
| | | Total No of Farmer : - 22370 Advisory Date :-8/28/2019 12:22:32 PM |
| c | 28 | ଧାନରେ କାଣ୍ଡବିନ୍ଧା ପୋକ ଦେଖାଦେଲେ ଏକର ପିଛା ୪ କି.ଗ୍ରା. କ୍ଲୋରାଟ୍ରନିଲିପ୍ରୋଲ୍ ୦.୪ ଜି. ସହିତ ୪ କି.ଗ୍ରା. ବାଲି ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଟ୍ରନିଲିପ୍ରୋଲ୍ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37453 Advisory Date :-8/29/2019 10:48:40 AM |
| c | 29 | ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରଛଦ ପୋଡା ରୋଗ ଦେଖାଦେଲେ ୧ ଲିଟର ପାଣିରେ ୧ ମି.ଲି. ଆମିଷ୍ଟାର କିମ୍ବା ସିଥମାର ୩ (ଭାଲିଡାମାଇସିନ ୩ ଏଲ୍) ୨ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37440 Advisory Date :-9/6/2019 6:39:40 PM |
| c | 30 | ଶୀତଦିନିଆ ଲଙ୍କା ଓ ବିଲାତି ବାଇଗଣ ଫସଲ ପାଇଁ ପୋକ ନିରୋଧୀ ମଶାରୀ ପରି ଜାଲ ତଳେ ଚାରା ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଏହା ଦ୍ୱାରା ତଳିଘେରାରୁ ପତ୍ର ମୋଡା ପରି ଭୂତାଣୁ ଜନିତ ରୋଗରୁ ରକ୍ଷା କରି ହୁଏ । |
| | | Total No of Farmer : - 22370 Advisory Date :-9/8/2019 4:48:49 PM |
| c | 31 | ଧାନ ଗଛରେ ପତ୍ର ପୋଡା / ପତ୍ରାଗାର ରୋଗ ଦେଖାଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ ୧.୫-୨.୦ ଗ୍ରାମ ମିଶାଇ ସିଂଚନ କରନ୍ତୁ । ୧ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ । |
| | | Total No of Farmer : - 37440 Advisory Date :-9/8/2019 5:15:26 PM |
| c | 32 | ମହିଷା ରୋଗ ଦେଖାଯାଉଥିବା ଜମିରେ କାର୍ବାଣ୍ଡାଜିମ୍ ୫୦ ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୨ ଗ୍ରାମ କିମ୍ବା ଟ୍ରାଇସାଇକ୍ଲାଜୋଲ ୭୫ ଡବ୍ଲୁ.ପି. ୦.୬ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37440 Advisory Date :-9/12/2019 12:36:23 PM |

| | | |
|---|---|---|
| c | 33 | କୋବି ଜାତୀୟ ପନିପରିବାରେ ଦେଖାଯାଉଥିବା ପତ୍ରର କଳାପଚା ରୋଗ ଏବଂ ଟମାଟୋ, ବାଇଗଣ, ଲଙ୍କା ଭଳି ପନିପରିବାରେ ଦେଖାଯାଉଥିବା ଝାଉଁଳା ଭଳି ମୃତ୍ତିକା ବାହିତ ଏବଂ ଫସଲର ଅବଶେଷାଂଶ ଦ୍ୱାରା ବାହିତ ରୋଗକୁ ମୁକାବିଲା କରିବା ପାଇଁ ଲଗାତାର ଏହି ଫସଲ ସବୁ ଚାଷ କରନ୍ତୁ ନାହିଁ. |
| | | Total No of Farmer : - 22370 Advisory Date :-9/12/2019 12:53:45 PM |
| c | 34 | ଡେରିରେ ରୁଆ ହୋଇଥିବା ଧାନରେ ପ୍ରଥମ କିସ୍ତି ସାର ହିସାବରେ ଏକର ପ୍ରତି ୨୪ କେ.ଜି. ୟୁରିଆ ଏବଂ ୧୩.୫ କେ.ଜି. ଏମ୍.ଓ.ପି. ସାର ଧାନ ରୁଆର ୨୦ ରୁ ୨୫ ଦିନ ପରେ ପ୍ରୟୋଗ କରନ୍ତୁ । |
| | | Total No of Farmer : - 37450 Advisory Date :-9/19/2019 12:33:01 PM |
| c | 35 | ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ରିପୋର୍ଟ ଅନୁସାରେ ଫୁଲକୋବି ଫସଲରେ ବୋରାକ୍ସ (ହେକ୍ଟର ପ୍ରତି ୧୦-୧୫ କି.ଗ୍ରା) ଏବଂ ସୋଡିୟମ ମଲିବଡେଟ୍ (ହେକ୍ଟର ପ୍ରତି ୧.୫-୨.୫ କି.ଗ୍ରା) ଜମି ପ୍ରସ୍ତୁତି ସମୟରେ ମିଶାଇ ଦିଅନ୍ତୁ । |
| | | Total No of Farmer : - 22369 Advisory Date :-9/19/2019 12:38:35 PM |
| c | 36 | ଧାନରେ ମାଟିଆଗୁଣ୍ଡି ପୋକ ଦେଖାଦେଲେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି ୧୨୦ ଗ୍ରାମ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍.ଜି ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍ ୫୦ ମି.ଲି କିମ୍ବା ଏସିଫେଟ ୭୫% ଏସ୍.ପି ୪୦୦ ଗ୍ରାମ ପ୍ରୟୋଗ କରନ୍ତୁ । ସଦାସର୍ବଦା ଉପଯୁକ୍ତ କୀଟନାଶକ ସଠିକ ମାତ୍ରାରେ ବ୍ୟବହାର କରନ୍ତୁ । |
| | | Total No of Farmer : - 37453 Advisory Date :-9/20/2019 2:56:36 PM |
| c | 37 | ଧାଡିକୁ ଧାଡି ୬୦ ସେ.ମି. ଏବଂ ଗଛକୁ ଗଛ ୫୦ ସେ.ମି. ଦୂରତାରେ କୋବି ଜାତୀୟ ଫସଲ ଲଗାନ୍ତୁ ଯେପରିକି କବକ ଓ ବୀଜାଣୁ ଜନିତ ରୋଗ ସଂକ୍ରମଣ ରୋକାଯାଇ ପାରିବ । ଗଛର ତଳୁଆ ସଂକ୍ରମିତ ପତ୍ରଗୁଡିକୁ ଯଥାଶୀଘ୍ର ବାହାର କରିଦିଅନ୍ତୁ ଯେପରିକି ଅଲଟରନାରିଆ ଜନିତ ପତ୍ର ଦାଗ ଏବଂ ବୀଜାଣୁ ଜନିତ ପତ୍ରର କଳାପଚା ରୋଗକୁ ନିୟନ୍ତ୍ରଣ କରିହେବ । |
| | | Total No of Farmer : - 22367 Advisory Date :-9/26/2019 4:47:12 PM |
| c | 38 | ୩୦ ରୁ ୪୦ ଗ୍ରାମ ଓଜନର ଆଳୁସବୁ ବିହନ ହିସାବରେ ବ୍ୟବହାର କରନ୍ତୁ । ବିହନ ଲଗାଇବା ପୂର୍ବରୁ ସେଗୁଡିକୁ ଗୋଟିଏ ଲିଟର ପାଣିରେ ୨.୫ ଗ୍ରାମ ମାଙ୍କୋଜେବ ମିଶାଇ ୧୦ ମିନିଟ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । |
| | | Total No of Farmer : - 22379 Advisory Date :-9/27/2019 8:34:10 AM |
| c | 39 | ବଙ୍ଗୀପୋକ ଦମନ ପାଇଁ ଏକପ ପିଛା ଥାଇମିଥୋକ୍ଜାମ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ କିମ୍ବା ଫିପ୍ରୋନିଲ ୫% ଏସ୍.ସି ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37467 Advisory Date :-9/27/2019 8:43:13 AM |
| c | 40 | କୋବି ଫସଲରେ ଠିକିରି ପିଠିଆ ପୋକ ଦମନ ପାଇଁ ୨୫ ଧାଡି କୋବି ପରେ ଟ୍ରାପ ଫସଲ ୨ ଧାଡି ସୋରିଷ (୧ମ ଧାଡି ୧୫ ଦିନ ପୂର୍ବରୁ ଓ ୨ୟ ଧାଡି କୋବି ଲଗାଇବାର ୧୫ ଦିନ ପରେ) ଲଗାନ୍ତୁ ଏବଂ ସୋରିଷ ଫସଲରେ ଡାଇକ୍ଲୋରୋଭସ ୧ ଗ୍ରାମ/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ. ସୋରିଷ ଫସଲ ଏହି ପୋକଙ୍କ ପାଇଁ ଅଧିକ ଆକର୍ଷକ ଖାଦ୍ୟ. |
| | | Total No of Farmer : - 22378 Advisory Date :-10/1/2019 4:31:11 PM |
| c | 41 | ଟମାଟୋ ଫସଲରେ ୧୪ ଧାଡି ପରେ ଗୋଟେ ଧାଡି ଗେଣ୍ଡୁ ଫୁଲ ଗଛ ୧୫ ଦିନ ପୂର୍ବରୁ ଲଗାନ୍ତୁ ଏବଂ ଗେଣ୍ଡୁ ଧାଡିରେ ଇମିଡାକ୍ଲୋପ୍ରିଡ ୧ ମି.ଲି./୩ ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହାଦ୍ୱାରା ଧଳାମାଛି ଓ ଅନ୍ୟ ଶୋଷକ ପୋକଙ୍କର ନିୟନ୍ତ୍ରଣ ହୋଇପାରିବ । ଟମାଟୋର ସୂତ୍ରକୃମି ଜନିତ ଚେର ଗଣ୍ଠି ରୋଗକୁ ମଧ୍ୟ ଏହା ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରିବ । |
| | | Total No of Farmer : - 22379 Advisory Date :-10/3/2019 1:11:51 PM |

| | | |
|---|---|---|
| c | 42 | ଧାନ ଫସଲରେ ବାଦାମି ଗୁଣ୍ଡିପୋକ/ ଧଳା ପତ୍ରଡିଆଁ ପୋକ ଦମନ ପାଇଁ ଏକର ପିଛା ଇମିଡାକ୍ଲୋପ୍ରିଡ ୧୭.୮ ଏସ୍.ଏଲ. ୫୦ ମି.ଲି. କିମ୍ବା ୪୦ ଗ୍ରାମ ଥାୟୋମିଥୋକ୍ସାମ ୨୫ ଡବ୍ଲୁ.ଜି. କିମ୍ବା ୨୦୦ ମି.ଲି. ଇଥୋଫେନପ୍ରକ୍ସ ୧୦ ଇ.ସି. କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡା ୨ ଭାଗ ସାବୁନ ପାଣିକୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37452 Advisory Date :-10/3/2019 1:21:54 PM |
| l | 43 | ଶୀତଦିନେ କୁକୁଡ଼ାମାନଙ୍କୁ ଶକ୍ତିବର୍ଦ୍ଧକ ଦାନା ଖାଇବାକୁ ଦିଅନ୍ତୁ. କୁହୁଡି ଦିନ ମାନଙ୍କରେ ସକାଳେ କୁକୁଡ଼ା ଘରେ ଆଲୁଅ ଦେବା ବ୍ୟବସ୍ଥା କରନ୍ତୁ. |
| | | Total No of Farmer : - 0 Advisory Date :-10/19/2019 2:09:32 PM |
| w | 44 | ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ପାଚି ଯାଇଥିବା ସଅଳ ଓ ମଧ୍ୟମ କିସମ ଧାନକୁ ତୁରନ୍ତ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖିଦିଅନ୍ତୁ । ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ କର ନାଳୀ କରନ୍ତୁ ଓ ନାଳୀ ମୁହଁ ଖୋଲା ରଖନ୍ତୁ । ବର୍ଷା ଛାଡିଗଲା ପରେ ପଡି ଯାଇଥିବା ପନିପରିବା ଗଛର ମୂଳକୁ ମାଟି ଦେଇ ଠିଆ କରାଇ ଦିଅନ୍ତୁ । |
| | | Total No of Farmer : - 37461 Advisory Date :-10/23/2019 5:18:20 PM |
| c | 45 | ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକ୍ସାମ ୨୫% ଡବ୍ଲୁ.ଡି.ଜି. ୪୦ ଗ୍ରାମ କିମ୍ବା ଏସିଟାମିପ୍ରିଡ୍ ୨୦% ଏସ୍.ପି. ୫୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 13 Advisory Date :-10/24/2019 3:35:10 PM |
| c | 46 | ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକ୍ସାମ ୨୫% ଡବ୍ଲୁ.ଡି.ଜି. ୪୦ ଗ୍ରାମ କିମ୍ବା ଏସିଟାମିପ୍ରିଡ୍ ୨୦% ଏସ୍.ପି. ୫୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 13 Advisory Date :-10/24/2019 3:35:10 PM |
| c | 47 | ମଟର ମଞ୍ଜି ବୁଣିବା ପୂର୍ବରୁ କିମ୍ବା କୋବି ଜାତୀୟ ଫସଲ ଚାରା ଲଗାଇବା ପୂର୍ବରୁ ପେଣ୍ଡିମେଥାଲିନ୍ ୩୦ ଇସି (ଷ୍ଟମ୍ପ) ହେକ୍ଟର ପିଛା ୨.୫ ରୁ ୩ ଲିଟର ୫୦୦ ଲିଟର ପାଣିରେ ମିଶାଇ ଜମିରେ ସ୍ପ୍ରେ କରି ଦିଅନ୍ତୁ । ଏହା ଦ୍ୱାରା ୨୫ ରୁ ୩୦ ଦିନ ପର୍ଯ୍ୟନ୍ତ ଘାସ ସମସ୍ୟାରୁ ମୁକ୍ତି ମିଳିବ । |
| | | Total No of Farmer : - 7 Advisory Date :-10/31/2019 3:11:05 PM |
| c | 48 | ପୂର୍ବରୁ ବୁଣାଯାଇଥିବା ମୂଳା, ଗାଜର ଓ ବିଟରେ ମାତ୍ରାଧିକ ଗଛକୁ ଅଲଗା କରିଦିଅନ୍ତୁ ଯେପରିକି ପ୍ରତି ଗଛ ବଢିବା ପାଇଁ ଉପଯୁକ୍ତ ସ୍ଥାନ ପାଇପାରିବ । ଅଧିକ ପୂର୍ବରୁ ଲଗାଯାଇଥିବା ଗଛରେ ହୁଡା ଟେକିବା ବ୍ୟବସ୍ଥା କରନ୍ତୁ । |
| | | Total No of Farmer : - 22371 Advisory Date :-11/8/2019 10:17:31 AM |
| c | 49 | ବର୍ଷା ହେବା ପୂର୍ବରୁ ପାଚିଯାଇଥିବା ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖିଦିଅନ୍ତୁ । ଅମଳ ହୋଇଯାଇଥିବା ସଅଳ କିସମ ଧାନକୁ ବେଙ୍ଗଳା କରି ଦିଅନ୍ତୁ କିମ୍ବା ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ । ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ କର ନାଳୀ କରନ୍ତୁ ଓ ନାଳୀ ମୁହଁ ଖୋଲା ରଖନ୍ତୁ । ବର୍ଷା ଦିନିଆ ମକାକୁ ଅମଳ କରି ଦିଅନ୍ତୁ । ପାକଳ ଅବସ୍ଥାରେ ଥିବା ଖରିଫ ଚିନାବାଦାମ, ମୁଗ ଓ ବିରିକୁ ଓପାଡି ନିରାପଦ ସ୍ଥାନକୁ ନେଇ ଆସନ୍ତୁ । |
| | | Total No of Farmer : - 37451 Advisory Date :-11/8/2019 10:30:08 AM |
| c | 50 | କୋବି ଫସଲର ସମସ୍ତ ରୋଗାକ୍ରାନ୍ତ ପତ୍ରଗୁଡିକୁ ଛିଣ୍ଡାଇ ଦୂରରେ ପୋତି ଦିଅନ୍ତୁ । ପତ୍ରଗୁଡିକୁ ଜମି ଭିତରେ ଗଦାଇ ରଖନ୍ତୁ ନାହିଁ । ନିମ୍ନମୁଖୀ ପାଉଁଶିଆ ରୋଗକୁ ଆଗୁଆ ନିବାରଣ ପାଇଁ ରିଡୋମିଲ୍ ୨ ଗ୍ରାମ/ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 22360 Advisory Date :-11/13/2019 12:18:34 PM |

| | | |
|---|---|---|
| c | 51 | ଲଙ୍କା ଲଗେଇବାର ୧୦ ରୁ ୧୫ ଦିନ ପରେ (୧୯-୧୯-୧୯) ପାଣିରେ ମିଶୁଥିବା ସାର ୨-୩ ଗ୍ରାମ/ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଗଛ ଭଲ ବଢିବ. |
| | | Total No of Farmer : - 22370 Advisory Date :-11/14/2019 2:11:56 PM |
| c | 52 | ରବି ପିଆଜ ଚାରା ପକାଇବା ପାଇଁ ଏହା ପ୍ରକୃଷ୍ଟ ସମୟ । ରବି ପିଆଜ ଚାଷ ପାଇଁ ଆଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଭୀମା ଲାଇଟ୍ ରେଡ୍ ଇତ୍ୟାଦି କିସମ ଉପଯୁକ୍ତ, ଯାହାର ମଞ୍ଜି ପାଇବା ପାଇଁ ବ୍ଲକ ସ୍ତରୀୟ ସହକାରୀ ଉଦ୍ୟାନ ଅଧୀକାରୀଙ୍କୁ ଯୋଗାଯୋଗ କରନ୍ତୁ । ଏକ ହେକ୍ଟର ଜମି ଚାଷ ପାଇଁ ୮ ରୁ ୧୦ କେ.ଜି. ମଞ୍ଜି ଦରକାର ହୋଇଥାଏ । |
| | | Total No of Farmer : - 22371 Advisory Date :-11/15/2019 10:53:31 AM |
| c | 53 | ବର୍ତ୍ତମାନ ବିଳମ୍ବିତ ଫୁଲକୋବି ଚାରା ଲଗାଇବା ପାଇଁ ପ୍ରକୃଷ୍ଟ ସମୟ । ଜମିରେ ହେକ୍ଟର ପିଛା ୧୫ କି.ଗ୍ରା ବୋରାକ୍ସ ଓ ଆମୋନିୟମ ମଲିବଡେଟ୍ ମିଶାଇବା ଦ୍ୱାରା ଅମଳ ବୃଦ୍ଧି ପାଇଥାଏ । ବୋରନ ଅଭାବରେ କୋବି ବାଦାମୀ ରଙ୍ଗର ହୋଇଯିବା ସହ ଭିତର ଫମ୍ପା ହୋଇଥାଏ ଓ ଫସଲର କ୍ଷତି ହୋଇଥାଏ । ଏଥିପାଇଁ ବୋରାକ୍ସ ୨.୫ରୁ ୫ ଗ୍ରାମ ଲିଟର ପିଛା ପାଣିରେ ମିଶାଇ ସିଞ୍ଚନ କରିହେବ । |
| | | Total No of Farmer : - 22370 Advisory Date :-11/28/2019 10:46:51 AM |
| c | 54 | ପିଆଜରେ ଘାସ ଦମନ ପାଇଁ ଜମିରେ ପିଆଜ ଲଗାଇବା ପୂର୍ବରୁ ହେକ୍ଟର ପିଛା ୭୫୦ ଗ୍ରାମ ପେଣ୍ଡିମେଥାଲିନ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୁନର୍ବାର ୨୦ ଦିନ ପରେ ୫୦ ଗ୍ରାମ ଟାରଗା ସୁପର ହେକ୍ଟର ପିଛା ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37437 Advisory Date :-11/29/2019 1:56:40 PM |
| c | 55 | ଅଦିନିଆ କଖାରୁ ଜାତୀୟ ଫସଲ (କାକୁଡି, କଲରା, ଲାଉ) ପାଇଁ ପ୍ରୋ-ଟ୍ରେରେ ତଳି ପକାନ୍ତୁ ଯେପରିକି ଜମି ପ୍ରସ୍ତୁତି ହେଲା ପରେ ସାଙ୍ଗେ ସାଙ୍ଗେ ଚାରା ଲଗାଇ ପାରିବେ । |
| | | Total No of Farmer : - 3470 Advisory Date :-11/29/2019 2:35:40 PM |
| c | 56 | ପାଳଙ୍ଗ, ମେଥି, ଧଣିଆ, ବିଟ୍ ଓ ଶୀତଦିନିଆ ମୂଳା ବୁଣିବା ପାଇଁ ଏହା ପ୍ରକୃଷ୍ଟ ସମୟ । ମୂଳା, ଗାଜର ଓ ବିଟ୍ ଫସଲରେ ଅଧିକ ତଳିକୁ ଜମିରୁ ବାହାର କରି ଗଛକୁ ଗଛ ଉପଯୁକ୍ତ ଦୂରତା ବଜାୟ ରଖିବା ସଙ୍ଗେ ସଙ୍ଗେ ହୁଡା ଟେକିବାର ବ୍ୟବସ୍ଥା କରନ୍ତୁ । |
| | | Total No of Farmer : - 22371 Advisory Date :-12/7/2019 11:58:42 AM |
| l | 57 | ଫାର୍ମ ପାଇଁ ଛେଳି ଚୟନ ସମୟରେ ଦୁଇ ଦାନ୍ତିଆ କିମ୍ବା ଚାରି ଦାନ୍ତିଆ ଛେଳି ଚୟନ କରିବା ଉଚିତ୍ । |
| | | Total No of Farmer : - 11893 Advisory Date :-12/7/2019 12:09:37 PM |
| l | 58 | ଗର୍ଭଣୀ ଛେଳିମାନଙ୍କୁ ଛୁଆ ଜନ୍ମ କରିବାର ମାସେ ପୂର୍ବରୁ ଏବଂ ମାସେ ପରବର୍ତ୍ତୀ ସମୟରେ ୨୦୦ ଗ୍ରାମ ସନ୍ତୁଳିତ ଦାନା ଦିଅନ୍ତୁ । |
| | | Total No of Farmer : - 11893 Advisory Date :-12/12/2019 3:12:32 PM |
| l | 59 | କୁକୁଡାମାନଙ୍କ ଠାରେ ବାର୍ଡ ଫ୍ଲୁ ରୋଗ ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ସୂଚନା ଦିଅନ୍ତୁ । |
| | | Total No of Farmer : - 11893 Advisory Date :-12/13/2019 11:08:55 AM |
| a | 60 | ଧାନ ଅମଳ ପରେ ଖରାରେ ଭଲଭାବରେ ଶୁଖାଇ ଶତକଡା ୧୪ ଭାଗ ଜଳୀୟ ଅଂଶ ଥିବା ଅବସ୍ଥାରେ ସାଇତି ରଖିବା ଆବଶ୍ୟକ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ପର୍ଯ୍ୟନ୍ତ ଶୁଖାଇ ରଖିବା ଆବଶ୍ୟକ । ବିହନକୁ ଭଲଭାବରେ ସାଇତି ରଖିବା ପାଇଁ ସୁପର ଗ୍ରେନ୍ ବ୍ୟାଗ ବ୍ୟବହାର କରନ୍ତୁ । |
| | | Total No of Farmer : - 37452 Advisory Date :-12/18/2019 2:09:54 PM |
| c | 61 | ଆମ୍ବରେ ଦହିଆ ପୋକର ନିୟନ୍ତ୍ରଣ ପାଇଁ ଆଲକାଥିନ ଜରିକୁ ମୂଳ ଗଣ୍ଡି ଚାରିପଟେ ଲଗାଇ ଦିଅନ୍ତୁ ଓ ମାସକୁ ମାସ ଏହାର ତଦାରଖ କରନ୍ତୁ । |
| | | Total No of Farmer : - 22370 Advisory Date :-1/3/2020 4:40:20 PM |

| | | |
|---|---|---|
| c | 62 | ନୂଆ ଲଗାଉଥିବା କୋବି ଫସଲରେ ଫସଲ ଲଗାଇବାର ୧୫ ଦିନ ପରେ ୭୫ ଗ୍ରାମ ୟୁରିଆ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଫସଲର ଭଲ ବୃଦ୍ଧି ହୋଇଥାଏ । |
| | | Total No of Farmer : - 37448 Advisory Date :-1/3/2020 4:50:51 PM |
| c | 63 | ଫୁଲକୋବି ଫସଲରେ ୪୦ ଦିନ ପରେ ୨୦୦-୩୦୦ ଗ୍ରାମ ୟୁରିଆ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ଅମଳ ମିଳିଥାଏ । |
| | | Total No of Farmer : - 11898 Advisory Date :-1/3/2020 4:54:47 PM |
| c | 64 | ଆମ୍ବ ପତ୍ରର ତଳେ ଭାତୁଡି ଭଳି ଚିହ୍ନ ଦେଖାଯାଉଥିଲେ ଥାୟୋମିଥୋକ୍ସାମ୍ ୫ ଗ୍ରାମ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 22370 Advisory Date :-1/8/2020 11:36:42 AM |
| c | 66 | ପିଆଜ ଓ ରସୁଣରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଥାୟୋମିଥୋକ୍ସାମ୍ ୫ ଗ୍ରାମ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37448 Advisory Date :-1/8/2020 11:43:15 AM |
| c | 68 | ଜମି ପ୍ରସ୍ତୁତି ବେଳେ ବୋରନ ସାର ମାଟିରେ ମିଶାଇ ନ ଥିଲେ ୨୦ ଦିନ ପରେ ୩ ଗ୍ରାମ ବୋରନ ୧ ଲିଟର ପାଣିରେ (୪୫ ଗ୍ରାମ/ ସ୍ପ୍ରେୟର) ମିଶାଇ ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରିବା ଦ୍ୱାରା ଫୁଲକୋବିରେ ଫୁଲ ଧୁସର କିମ୍ବା ନାଲି ପଡିବାର ନିୟନ୍ତ୍ରଣ ହୋଇଥାଏ । |
| | | Total No of Farmer : - 22370 Advisory Date :-1/9/2020 2:55:38 PM |
| o | 69 | କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳରେ ଅଧିକ ଅମଳକ୍ଷମ ଟମାଟୋ କିସମ ଭାଗ୍ୟ, ତ୍ରିରୋଗ ନିରୋଧୀ କିସମ ଅର୍କ ରକ୍ଷକ ଚାରା ସୁଲଭ ମୂଲ୍ୟରେ ମିଳୁଅଛି । ଫେବୃଆରୀ ମାସ ଶେଷ ଭାଗରେ ଅଧିକ ଅମଳକ୍ଷମ ପିଜୁଳି ଚାରା ଉପଲବ୍ଧ ହେବ । ଏହା ସହିତ ପିପ୍ପଳୀ, ରୋଜାମାରୀ, ହାଡଯୋଡା, ଜୁଆଣୀ, ଭୂଇଁ ଅଁଳା, ଗୁଡମାରି, ଘିଁ କୁଆଁରି ଇତ୍ୟାଦି ଔଷଧୀୟ ବୃକ୍ଷ ଏବଂ ଆଳଙ୍କାରିକ ଉଦ୍ଭିଦ ଚାରା ମଧ୍ୟ ସୁଲଭ ମୂଲ୍ୟରେ ମିଳିଥାଏ । |
| | | Total No of Farmer : - 70113 Advisory Date :-1/16/2020 12:30:30 PM |
| | 70 | ଅଧିକ ଶୀତ ଯୋଗୁଁ ତଥା ଫସଫରସ ଅଭାବ ହେତୁ ପିଜୁଳି ବଗିଚାରେ ପତ୍ର ନାଲି ହେବାର ସମ୍ଭାବନା ଥାଏ । ଏହାର ନିରାକରଣ ପାଇଁ ୭୫ ଗ୍ରାମ ଡି.ଏ.ପି. ସାର ୧୫ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କରନ୍ତୁ । ଏହା ସହ ୭ ରୁ ୧୦ ଦିନ ବ୍ୟବଧାନରେ ବଗିଚାରେ ପାଣି ମଡାନ୍ତୁ । |
| | | Total No of Farmer : - 22370 Advisory Date :-1/16/2020 2:31:21 PM |
| | 71 | ଆତ ବଗିଚାରେ ଅତ୍ୟଧିକ ଶୀତ ଯୋଗୁଁ ପତ୍ର ଝଡିଯାଏ । ତେଣୁ ୧୦ ରୁ ୧୫ ଦିନ ବ୍ୟବଧାନରେ ଜଳସେଚନ କରାଯିବା ଆବଶ୍ୟକ । |
| | | Total No of Farmer : - 37449 Advisory Date :-1/16/2020 2:44:38 PM |
| a | 72 | ବର୍ଷାକୁ ଦେଖି ପନିପରିବା ତଳିଘେରାକୁ ଧଳା ପଲିଥିନରେ ଘୋଡାଇ ରଖିବା ସହ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଫୁଲକୋବି, ବନ୍ଧାକୋବି ତୋଳିବା ଅବସ୍ଥାରେ ଥିଲେ ସେଗୁଡିକ ତୋଳି ଦିଅନ୍ତୁ । ଗେଣ୍ଡୁ, ଗୋଲାପ, ସେବତୀ ଆଦି ଫୁଲର ମାନ ବର୍ଷା ଯୋଗୁଁ ଖରାପ ହେବାର ସମ୍ଭାବନା ଥିବାରୁ ସେଗୁଡିକ ତୋଳି ଦିଅନ୍ତୁ । |
| | | Total No of Farmer : - 20 Advisory Date :-2/6/2020 12:29:03 PM |
| c | 73 | ବର୍ଷା ଓ କୋହଲା ପାଗ ଯୋଗୁଁ ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ, ମୁଗ, ବିରି, ପନିପରିବା ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ତେଣୁ ଠିକ୍ ଭାବରେ ଫସଲ ନିରୀକ୍ଷଣ କରି ଏକର ପ୍ରତି 40 ଗ୍ରାମ ଥାୟୋମେଥୋକ୍ଜାମ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37440 Advisory Date :-2/11/2020 11:03:45 AM |

| | | |
|---|---|---|
| c | 74 | ବର୍ଷା ଓ କୋହଲା ପାଗ ଯୋଗୁଁ ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ, ମୁଗ, ବିରି ଆଦି ଫସଲରେ ପତ୍ରପୋଡା ରୋଗ ହେବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଲିଟର ପ୍ରତି ୨ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ମିଶ୍ରିତ ଔଷଧକୁ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 22362 Advisory Date :-2/11/2020 11:13:36 AM |
| c | 75 | ଡାଲିଜାତୀୟ ଫସଲରେ ଝାଉଁଳା ରୋଗ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୨ ମି.ଲି. ଭାଲିଡାମାଇସିନ୍ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37440 Advisory Date :-2/20/2020 11:45:33 AM |
| a | 76 | ମେଘୁଆ ପାଗ ସହିତ ଝିପିଝିପି ବର୍ଷା ଲାଗିରହିଲେ ମହିଷା ରୋଗ ହେବାର ସମ୍ଭାବନା ଥାଏ । ଏହାର ନିରାକରଣ ପାଇଁ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ସହିତ ଟେବୁକୋନାଜୋଲ୍ (ବାନ୍, ବିମ୍) ୦.୪ ଗ୍ରାମ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 37440 Advisory Date :-2/24/2020 12:44:10 PM |
| c | 77 | କାଣ୍ଡ ବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତ୍ରା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତ୍ରା ପ୍ରତି ୪ ରୁ ୫ ଟି ହୋଇଯିବ, ସେତେବେଳେ ଏକର ପିଛା ଟ୍ରାଇକୋଗାମା ଜାପୋନିକମ୍ ୨୦,୦୦୦ ଅଣ୍ଡା ସପ୍ତାହ ଅନ୍ତରରେ ୩ ଥର ପ୍ରୟୋଗ କରନ୍ତୁ । |
| | | Total No of Farmer : - 22377 Advisory Date :-2/24/2020 1:00:40 PM |
| a | 78 | ଝିପିଝିପି ବର୍ଷା ଓ କୋହଲା ପାଗ ଲାଗି ରହିଲେ ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ ଆଦି ତୈଳବୀଜ ଫସଲରେ, ମୁଗ ବିରି ଆଦି ଡାଲି ଜାତୀୟ ଫସଲରେ ଓ ପନିପରିବା ଫସଲରେ ଯଉପୋକ ଲାଗିବାର ସମ୍ଭାବନା ଅଛି । ତେଣୁ ଠିକ ଭାବରେ ଫସଲ ନିରୀକ୍ଷଣ କରି ଏକର ପ୍ରତି ୪୦ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୫୦ମିଲି ଇମିଡାକ୍ଲୋପ୍ରିଡ଼ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ଼କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | | Total No of Farmer : - 70104 Advisory Date :-2/25/2020 3:21:00 PM |
| l | 79 | ଛେଳିମାନଙ୍କୁ ବର୍ଷକୁ ୩ ରୁ ୪ ଥର କୃମିନାଶକ ଔଷଧ ଦେଇ ଅନ୍ତଃକୃମି ଆକ୍ରମଣରୁ ରକ୍ଷା କରନ୍ତୁ । |
| | | Total No of Farmer : - 11893 Advisory Date :-3/21/2020 10:49:42 AM |
| l | 80 | ୪ ରୁ ୫ ମାସର ଗର୍ଭଣୀ ଛେଳିକୁ ଛୁଆ ଜନ୍ମ କରିବାର ୧ମାସ ପୂର୍ବରୁ ଏବଂ ୧ ମାସ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ୨୦୦ ଗ୍ରାମ ସୁଷମ ଦାନା ଯୋଗାଇ ଦିଅନ୍ତୁ । |
| | | Total No of Farmer : - 22365 Advisory Date :-3/21/2020 10:57:20 AM |
| l | 81 | ବିଭିନ୍ନ ପ୍ରକାର କୁକୁଡା ଓ ବତକ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ନାହିଁ କି ଭୂତାଣୁକୁ ବ୍ୟାପିବାରେ ସାହାଯ୍ୟ କରନ୍ତି ନାହିଁ । ତେଣୁ ଚାଷୀଭାଇମାନେ ଭୟଭୀତ ନ ହୋଇ କୁକୁଡା ଚାଷ କରିବା ସହ କୁକୁଡା ମାଂସ ଓ ଅଣ୍ଡା ଖାଇ ପାରିବେ । |
| | | Total No of Farmer : - 37443 Advisory Date :-3/21/2020 11:14:39 AM |